ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୧୦୮୩ / ସୂ.ଲୋ.ସଂ., ତା. ୧୩/୧୧/୨୦୧୮

e-mail- dkl.dipro@gmail.com

ଦୂରଭାଷ- (୦୬୭୬୨)-୨୨୪୪୧୪

# ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ

ଢେଙ୍କାନାଳ,ତା୧୩.୧୧.୨୦୧୮ରିଖ- ଢେଙ୍କାନାଳ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଶ୍ରୀ ନରୋତ୍ତମ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ଜିଲ୍ଲାର ଚାଷୀମାନଙ୍କଠାରୁ ଧାନ କିଣିବାପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ଖଣି ଓ ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକ ଢେଙ୍କାନାଳ ଜିଲ୍ଲାର କୃଷକମାନଙ୍କର ସୁବିଧା ନିମନ୍ତେ ଧାନସଂଗ୍ରହ କେନ୍ଦ୍ର ଖୋଲାଯାଇ ଧାନକ୍ରୟ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମୀନତୀ ନାଏକ ଜିଲ୍ଲାର ଚାଷୀମାନଙ୍କର ଧାନକ୍ରୟ ବ୍ୟବସ୍ଥାକୁ ସୁଗମ କରିବା ସହ ଅଧିକ ଉତ୍ପାଦିତ ଅଧିକ ଧାନକ୍ରୟ କେନ୍ଦ୍ର ଖୋଲିବା ପାଇଁ କହିଥିଲେ ।

ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ହାଡ଼ିବନ୍ଧୁ ସେଠୀ ଢେଙ୍କାନାଳ ଜିଲ୍ଲାରେ ୨୦୧୭-୧୮ ଆର୍ଥିକ ବର୍ଷ ଖରିଫ ଧାନ କ୍ରୟ ନିମନ୍ତେ ୩୫୪୪୭ଜଣ ଚାଷୀ ଅନ୍‌ଲାଇନ୍‌ରେ ପଂଜୀକୃତ ହୋଇଥିଲେ ଓ ୧୫୧୮୨୩.୫୯୧ମେଟ୍ରିକ୍‌ଟନ୍ ବଳକା ଧାନ ଉତ୍ପାଦନ ହୋଇଥିଲା ବୋଲି କହିଥିଲେ । କୃଷି ବିଭାଗ ୯୩୨୪୪ମେଟ୍ରିକ୍ ଟନ୍ ଧାନ ଆକଳନ କରିଥିବା ବେଳେ ସରକାର ୮୫୨୯୪ମେଟ୍ରିକ୍‌ଟନ୍ ଲକ୍ଷ୍ୟ ଧାର୍ଯ୍ୟ ରଖିଥିଲେ । ୨୦୧୭-୧୮ଖରିଫ୍ ଫସଲରୁ ୫୯୭୬୯.୦୨୪ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଥିଲା ଓ ୨୧୧୧୫ଜଣ ଚାଷୀ ଧାନ ବିକ୍ରୟ କରିଥିଲେ । ଏହି ପ୍ରକ୍ରିୟାରେ ୭୯ଟି ପାକ୍ସ୍ ଜରିଆରେ ଧାନ କ୍ରୟ ହେବା ସହିତ ୧୨ଜଣ ମିଲର ଏଥିରେ ଅଂଶ ଗ୍ରହଣ କରିଥିଲେ । ୨୦୧୮-୧୯ଖରିଫ୍ ଧାନ ବିକ୍ରୟ ନିମନ୍ତେ ୪୧୮୦୫ଚାଷୀ ଅନ୍‌ଲାଇନ୍‌ରେ ନାମ ପଂଜୀକରଣ କରିଛନ୍ତି । ୧୧-୧୧-୨୦୧୮ତାରିଖ ସୁଦ୍ଧା ୧୮୨୪୧୨.୪୦୪ମେଟ୍ରିକ୍ ଟନ୍ ବଳକା ଧାନ ଉତ୍ପାଦିତ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସରକାର ୩୭୫୦୦ମେଟ୍ରିକ୍ ଟନ୍ ଚାଉଳ ଓ ୫୩୭୭୭ମେଟ୍ରିକ୍ ଟନ୍ ଧାନକ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୧୮-୧୯ଖରିଫ୍ ଫସଲରୁ ଜଳସେଚିତ ଜମିରୁ ୧୯କ୍ୱିଣ୍ଟାଲ ଓ ଅନଜଳ ସେଚିତ ଜମିରୁ ୧୩କ୍ୱିଣ୍ଟାଲ୍ ଏକର ପିଛା ଧାନ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି । ଉପନିର୍ଦ୍ଦେଶକ କୃଷି ୧୩୨୯୮୨ମେଟ୍ରିକ୍ ଟନ୍ ବଳକା ଧାନ ମିଳିବ ବୋଲି ଆକଳନ କରିଛନ୍ତି । ଜିଲ୍ଲାରୁ ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ୍) କମିଶନ ଏଜେଣ୍ଟମାନଙ୍କ ସହାୟତାରେ ଧାନ କ୍ରୟ କରିବ ।

୨୦୧୮-୧୯ଖରିଫ ଧାନ କ୍ରୟ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନପାଇଁ ୧୭୫୦ଟଙ୍କା ଓ ଗ୍ରେଡ୍ ଏ ପାଇଁ ୧୭୭୦ଟଙ୍କା କ୍ୱିଣ୍ଟାଲ୍ ରଖାଯାଇଛି । ଧାନକ୍ରୟ ହେବାପରେ ଚାଷୀମାନଙ୍କୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍, ଭୁବନେଶ୍ୱର ଦ୍ୱାରା ଅନ୍‌ଲାଇନ୍‌ରେ ସେମାନଙ୍କର ଆକାଉଣ୍ଟକୁ ୨୪ରୁ ୭୨ଘଣ୍ଟା ମଧ୍ୟରେ ଟଙ୍କା ଜମା କରିଦିଆଯିବ । ଚାଷୀମାନଙ୍କୁ ସଚେତନ କରାଯିବାପାଇଁ ସମସ୍ତ ସୂଚନା ବିଭିନ୍ନ ମାଧ୍ୟମ ଯଥା ପ୍ରଚାରପତ୍ର, ଫ୍ଲେକ୍ସ ବ୍ୟାନର, ମାଇକ୍‌ରେ ପ୍ରଚାର, କର୍ମଶାଳା ଏବଂ ବିଭିନ୍ନ ଗଣମାଧ୍ୟମଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବ । ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ମାଧ୍ୟମରେ ପାକ୍‌ସ୍ କର୍ମଚାରୀ ଏବଂ ଚାଷୀମାନଙ୍କୁ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ତାଲିମ ପ୍ରଦାନ କରାଯିବ । ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକ (ପାକ୍‌ସ୍) ଚାଷୀମାନଙ୍କୁନେଇ ସେମାନଙ୍କର ମନରେ ଆସୁଥିବା ବିଭିନ୍ନ ପ୍ରଶ୍ନୋତ୍ତର ଓ ସର୍ବନିମ୍ନ ସହାୟକ ମୂଲ୍ୟ ସଂପର୍କରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବେ । ଚଳିତ ଖରିଫଧାନ କ୍ରୟ ନିମନ୍ତେ ୧୩ଜଣ ମିଲର ଅଂଶ ଗ୍ରହଣ କରିବେ ବୋଲି ବୈଠକରୁ ଜଣାପଡ଼ିଛି । ଏପ୍ରିଲ୍୩୦,୨୦୧୯ ସୁଦ୍ଧା ସମସ୍ତ ଧାନକ୍ରୟ କାର୍ଯ୍ୟ ସମାପନ କରାଯିବ । ଜିଲ୍ଲାସ୍ତରୀୟ କ୍ରୟ କମିଟି ଦ୍ୱାରା ଧାନକ୍ରୟ ତାରିଖ ନିଷ୍ପତ୍ତି ନିଆଯିବ । ଜିଲ୍ଲାରେ ୮୦ଟି ପ୍ରାଥମିକ କୃଷି ସମବାୟ ସମିତି ଚଳିତ ଖରିଫ ଧାନକ୍ରୟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ । ଚାଷୀମାନଙ୍କ ସୁବିଧା ନିମନ୍ତେ ୩୭ଗୋଟି ଅତିରିକ୍ତ କ୍ରୟକେନ୍ଦ୍ର ଜିଲ୍ଲାରେ କାର୍ଯ୍ୟ କରିବ । ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର, ଉପଜିଲ୍ଲାପାଳମାନେ ସେମାନଙ୍କ ବ୍ଲକ୍, ତହସିଲ୍ ଓ ଉପଖଣ୍ଡମାନଙ୍କରେ ଧାନକ୍ରୟ ଓ ବିକ୍ରୟର ନୋଡ଼ାଲ ଅଧିକାରୀଭାବେ କାର୍ଯ୍ୟ କରିବେ ଓ ସମସ୍ତ ଆଇନ୍‌ଶୃଙ୍ଖଳା ପରିସ୍ଥିତି ତଦାରଖ କରିବେ । ସମସ୍ତ ଉପଖଣ୍ଡରେ ଗୋଟାଏ ଲେଖାଏ ଉପଖଣ୍ଡ ଟିମ୍ ସହକାରୀ ଯୋଗାଣ ଅଧିକାରୀ ସମବାୟ ସମିତିର ସହକାରୀ ରେଜିଷ୍ଟ୍ରାର, ଆର୍‌ଏମ୍‌ସି ସେକ୍ରେଟେରୀ ଏବଂ ସପ୍ଲାଇ ଇନ୍‌ସପେକ୍ଟରଙ୍କୁ ନେଇ କାର୍ଯ୍ୟକରିବ । ସେହିପରି ଜିଲ୍ଲାସ୍ତରୀୟ ଟିମ୍ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀଙ୍କୁ ନେଇ ଗଠନ କରାଯାଇ କାର୍ଯ୍ୟ କରିବ ।

ଏହି ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ, ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଜିଲ୍ଲାର ସମସ୍ତ ମିଲର, କୃଷି ଉପନିର୍ଦ୍ଦେଶକ, ଶ୍ରୀ ଛବୀନ୍ଦ୍ର ବେହେରା, ସମବାୟ ବିଭାଗ ଉପ-ନିବନ୍ଧକ, ଆର୍.ଏମ୍.ସି. ସଂପାଦକ, ଜିଲ୍ଲାର ସମସ୍ତ ତହସିଲ୍‌ଦାର, ଯୋଗାଣ ବିଭାଗ କର୍ମକର୍ତ୍ତା, ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଶ୍ରୀ ନରୋତ୍ତମ ବେହେରା ବୈଠକ ପରିଚାଳନା କରିବା ସହିତ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

-----------------------------

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ହେମନ୍ତ କୁମାର ନାୟକ

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଢେଙ୍କାନାଳ